# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୫.୧୨.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ଝରଣା ରାଣୀ ପତି,
୪. ଶ୍ରୀମତୀ ପୂଜା ମହାରଣା,
୫. ଶ୍ରୀମତୀ ସୁଜାତା ଛୋଟରାୟ,
୬.ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ

ଅଦ୍ୟ ତା ୧୫.୧୨.୨୦୨୨ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳ ଇନ୍ଦ୍ରଧନୁ ମାର୍କେଟ୍ ନିକଟରେ ଥିବା ପାର୍କିଙ୍ଗ୍ ସ୍ଥାନ ନେଇଥିବା ବ୍ୟକ୍ତି ପାର୍କିଂ ସ୍ଥାନରେ ଦୋକାନୀ ମାନଙ୍କୁ ବସାଇ ସେମାନଙ୍କ ଠାରୁ ପଇସା ଆଦାୟ କରୁଛନ୍ତି, ସେଠାକୁ ଯାଉଥିବା ଲୋକମାନେ No Parking ଅଂଚଳରେ ଗାଡ଼ି ରଖୁଛନ୍ତି, ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହା ଉପରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାପାଇଁ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧ (୧) ତା ୧୮.୧୧.୨୦୨୨ ରିଖରେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ କମିଟି କ୍ଷୋଭ ପ୍ରକାଶ କଲେ । ଉକ୍ତ ପାର୍କିଂ ସ୍ଥାନକୁ ZDC ଶୀଘ୍ର ତଦନ୍ତ କରି D.C Revenue ଙ୍କୁ ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଆପୋଲୋ ହସ୍ପିଟାଲ୍ ନିକଟସ୍ଥ ଦୂରଦର୍ଶନ ପାର୍ଶ୍ୱଗଳି ରାସ୍ତାରେ On Street Parking କରିବା ପାଇଁ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୩) ତା ୧୯.୧୦.୨୦୨୨ ରିଖରେ ନିଷ୍ପତି ନେଇଥିଲେ ତାହା ଏପର୍ଯ୍ୟନ୍ତ ହୋଇନଥିବାରୁ କମିଟି ଅସନ୍ତୋଷ ପ୍ରକାଶ କଲେ । ଏହା ଉପରେ ZDC, (North) ଶୀଘ୍ର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ବୀର ସୁରେନ୍ଦ୍ର ସାଏ ନଗରରେ ଥିବା ମାର୍କେଟ୍‌ରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କୁ ସର୍ଭେ କରାଯାଇଅଛି ବୋଲି କମିଟିଙ୍କ ଦୃଷ୍ଟିକୁ ଆସିଅଛି, ସେଠାରେ ପ୍ରକୃତ ଦୋକାନୀ କେତେ ଅଛନ୍ତି ତାହା ଦେଖିବା ପାଇଁ କମିଟି Spot Verification କରିବେ, କମିଟି ଯିବାପାଇଁ ଆବଶ୍ୟକ ଗାଡ଼ି ଏବଂ ଦିନ ଧାର୍ଯ୍ୟ କରିବା ପାଇଁ D.C Market ଙ୍କୁ ଦାୟିତ୍ୱ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପରେ ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

[signature]

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୫.୧୨.୨୦୨୨ ରିଖ